# NATIONAL NEWS BULLETIN (ODIA)

**2 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୫ଟି ରାଷ୍ଟ୍ର ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ

–ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ନେଇ ଘାନାର ନେତୃବୃନ୍ଦଙ୍କ ସହ କରିବେ ଆଲୋଚନା

- ଏକ ମୁକ୍ତ ତଥା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ପ୍ରତିବଦ୍ଧତା ପ୍ରକାଶ କଲେ କ୍ୱାଡ ସଦସ୍ୟ ରାଷ୍ଟ୍ର

- ଜାମ୍ମୁର ଭଗବତୀ ନଗର ଯାତ୍ରୀନିବାସ ମୂଳ ଶିବିରରୁ ଅମରନାଥ ଅଭିମୁଖେ ପ୍ରଥମ ଦଳର ଯାତ୍ରା ଆରମ୍ଭ

- କେନ୍ଦ୍ରୀୟ ଇସ୍ରାଏଲ୍ ବେନ୍‌ଗୁରିଅନ୍ ବିମାନ ବନ୍ଦର ଆକ୍ରମଣ ନେଇ ନିଜକୁ ଦାୟୀ କଲା ହୁତି ଆତଙ୍କବାଦୀ ଗୋଷ୍ଠୀ

ଏବଂ

- ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ସିକିମ୍ ଓ ଝାଡ଼ଖଣ୍ଡର ବିଭିନ୍ନ

ଅଞ୍ଚଳରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ପ୍ରବଳ ବର୍ଷାର ସମ୍ଭାବନା

# ଏମ୍ଇଏ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଠାରୁ ପାଞ୍ଚଟି ରାଷ୍ଟ୍ର ଗସ୍ତରେ ଯାଇଛନ୍ତି । ସେହି ରାଷ୍ଟ୍ର ଗୁଡ଼ିକ ହେଉଛି – ଘାନା, ତ୍ରିନିଦାଦ ଓ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା ।

ଗସ୍ତର ପ୍ରଥମ ପର୍ଯ୍ୟାୟରେ ଶ୍ରୀମୋଦୀ ଘାନାରେ ପହଞ୍ଚିବେ । ନୂଆଦିଲ୍ଲୀରୁ ପ୍ରସ୍ଥାନ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଦକ୍ଷିଣ ବିଶ୍ୱରେ ଘାନା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ରାଷ୍ଟ୍ର । ଆଫ୍ରିକୀୟ ସଂଘ ଏବଂ ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକର ଅର୍ଥନୈତିକ ସହଯୋଗରେ ଘାନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିବା, ନିବେଶ, ଶକ୍ତି, ସ୍ୱାସ୍ଥ୍ୟ, ସୁରକ୍ଷା, ସହଭାଗିତା ଆଦି ବିଭିନ୍ନ କ୍ଷେତ୍ରରେ ନୂତନ ମାର୍ଗ ଉନ୍ମୋଚନ କରିବା ନେଇ ସେଠାକାର ନେତୃବୃନ୍ଦଙ୍କ ସହ ଆଲୋଚନା ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆସନ୍ତାକାଲି ଶ୍ରୀ ମୋଦୀ ତ୍ରିନିଦାଦ ଓ ଟୋବାଗୋ ଯିବେ । ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପରସାଦ ବିଶେସର୍ଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ । ସେଠାକାର ଯୁଗ୍ମ ସଂସଦୀୟ ଅଧିବେଶନରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ମିଲେଇଙ୍କ ସହ ପ୍ରତିରକ୍ଷା, କୃଷି, ଖଣି ଖନନ, ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ବ୍ରାଜିଲ୍‌ର ରିଓ-ଡି-ଜେନେରିଓ ଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ୮ ତାରିଖ ପର୍ଯ୍ୟନ୍ତ ରହଣି ଅବସରରେ ଶାନ୍ତି, ସୁରକ୍ଷା, ବହୁ କ୍ଷେତ୍ରୀୟ ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ସ୍ୱାସ୍ଥ୍ୟ, ଅର୍ଥନୈତିକ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ସେଠାକାର ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତରେ ଯିବେ । ଏହା ହେଉଛି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ନାମିବିୟା ଗସ୍ତ । ସେଠାରେ ସେ ନାମିବିୟା ରାଷ୍ଟ୍ରପତି ନାନ୍ଦି ଏନ୍.ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

## କ୍ୱାଡ

କ୍ୱାଡ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ଏକ ମୁକ୍ତ ତଥା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ପ୍ରତିବଦ୍ଧତା ନେଇ ଏକମତ ହୋଇଛନ୍ତି। ସେହି କ୍ଷେତ୍ରରେ ଯେକୌଣସି ପ୍ରକାର ମନୋମୁଖୀ ପଦକ୍ଷେପକୁ ବୈଠକରେ ବିରୋଧ କରାଯାଇଛି । ପୂର୍ବ ଚୀନ୍ ସାଗର ଏବଂ ଦକ୍ଷିଣ ଚୀନ୍ ସାଗର ପରିସ୍ଥିତିରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବୈଠକରେ ଚିନ୍ତା ପ୍ରକଟ କରିଛନ୍ତି । ଏକ ମିଳିତ ବିବୃତିରେ ସଦସ୍ୟ ରାଷ୍ଟ୍ରର ବୈଦେଶିକ

ମନ୍ତ୍ରୀମାନେ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ରକ୍ଷା କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜାହାଜ ଚଳାଚଳ, ସ୍ୱାଧୀନ ଆକାଶପଥ ତଥା ଅନ୍ୟାନ୍ୟ କ୍ଷେତ୍ରର ଆନ୍ତର୍ଜାତିକ ଆଇନ ଆଧାରରେ ବ୍ୟବହାର ନେଇ ସଦସ୍ୟ ରାଷ୍ଟ୍ରମାନେ ଏକମତ ହୋଇଛନ୍ତି । ସାମୁଦ୍ରିକ ବିବାଦକୁ ଶାନ୍ତିପୂର୍ଣ୍ଣ ତଥା ଆନ୍ତର୍ଜାତିକ ଆଇନ ଆଧାରରେ ସମାଧାନ କରିବାକୁ ବୈଠକରେ ଆହ୍ୱାନ ଦିଆଯାଇଛି ।

## ଆଇସିଏମ୍ଆର୍-ଏମ୍ସ କୋଭିଡ ଭ୍ୟାକ୍ସିନ୍ ଷ୍ଟଡି

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି, ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ-ଆଇସିଏମ୍ଆର ଏବଂ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମ୍ସ ପକ୍ଷରୁ କରାଯାଇଥିବା ବ୍ୟାପକ ଅଧ୍ୟୟନରୁ ଜଣାପଡ଼ିଛି କୋଭିଡ୍ ନାଇଣ୍ଟିନ୍ ଟିକା ଗୁଡ଼ିକ ସୁରକ୍ଷିତ ଏବଂ ପ୍ରଭାବଶାଳୀ । ଏହି ଟିକାଗୁଡ଼ିକ ପ୍ରାୟତଃ ପାର୍ଶ୍ୱପ୍ରତିକ୍ରିୟାହୀନ ବୋଲି ଜଣାପଡ଼ିଛି । ଆଇସିଏମ୍ଆର୍ ଓ ଏନ୍‌ସିଡିସି ୧୮ରୁ ୪୫ ବର୍ଷ ବୟସର ଯୁବବର୍ଗଙ୍କ ହୃଦ୍‌ଘାତ ଜନିତ ମୃତ୍ୟୁର କାରଣ ସଂପର୍କରେ ମିଳିତ ଭାବେ କାମ କରୁଛନ୍ତି । ଏଥିଲାଗି ୨ଟି ଗବେଷଣା ଜାରି ରହିଛି । ଗୋଟିଏ ପୂର୍ବ ଆଧାରିତ ତଥ୍ୟ ଉପରେ ଅଧ୍ୟୟନ ହୋଇଥିବା ବେଳେ ଅନ୍ୟଟି ତତ୍କାଳ ସଂଗ୍ରହ କରାଯାଇଥିବା ତଥ୍ୟ ଉପରେ ଅଧ୍ୟୟନ ଅଟେ ।

ପ୍ରଥମ ଅଧ୍ୟୟନର ଫଳାଫଳରୁ ଜଣାପଡ଼ିଛି, କୋଭିଡ ନାଇଣ୍ଟିନ ଟିକାକରଣ ଯୁବ ବୟସ୍କଙ୍କ ମଧ୍ୟରେ ହଠାତ୍ ମୃତ୍ୟୁର କାରଣ ବୃଦ୍ଧି

କରୁନାହିଁ । ନୂଆଦିଲ୍ଲୀ ଏମ୍ସ ବର୍ତ୍ତମାନ ଦ୍ୱିତୀୟ ଅଧ୍ୟୟନ ଜାରି ରଖିଛି । ପ୍ରାରମ୍ଭିକ ଅଧ୍ୟୟନରୁ ଜଣାପଡ଼ିଛି, ହୃଦ୍‌ଘାତ ଏହି ପ୍ରାପ୍ତବୟସ୍କ ଗୋଷ୍ଠୀଙ୍କ ହଠାତ୍ ମୃତ୍ୟୁର ପ୍ରମୁଖ କାରଣ ଭାବେ ରହିଛି । ଏହି ଅଧ୍ୟୟନଗୁଡ଼ିକ ସଠିକ୍ ତଥ୍ୟ ଦେଉଛି । କୋଭିଡ ନାଇଣ୍ଟିନ୍ ଟିକାକରଣ ତଥା ବୟସ୍କଙ୍କ ମୃତ୍ୟୁର ସେଭଳି କୌଣସି ସଂପର୍କ ନଥିବା ଜଣାପଡ଼ିଛି ।

## ଅମରନାଥ ଯାତ୍ରା

ଜାମ୍ମୁର ଭଗବତୀନଗର ଯାତ୍ରୀ ନିବାସ ମୂଳ ଶିବିରରୁ ଅମରନାଥ ଯାତ୍ରାର ପ୍ରଥମ ଦଳ ଯାତ୍ରା ଆରମ୍ଭ କରିଛନ୍ତି । ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ତୀର୍ଥଯାତ୍ରୀ ଦଳରେ ମୋଟ୍ ୫ ହଜାର ୮୯୨ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି । ୨ହଜାର ୪୮୯ ଜଣ ବାଲ୍‌ତାଲ୍ ମାର୍ଗରେ ଯାଉଥିବା ବେଳେ ୩ ହଜାର ୪୦୩ ଜଣ ଅନନ୍ତନାଗ ରାସ୍ତା ଦେଇ ପବିତ୍ର ଗୁମ୍ଫାରେ ପହଞ୍ଚିବେ । ୩ ହଜାର ୮୮୦ ମିଟର ଉଚ୍ଚ ଅମରନାଥ ଧାମର ୩୮ ଦିନିଆ ଯାତ୍ରା ଆସନ୍ତାକାଲି ଦୁଇଟି ମାର୍ଗରେ ୪୮ କିଲୋମିଟର ଦୀର୍ଘ ଅନନ୍ତନାଗର ନୁନୱାନ ପହଲଗାମ ରାସ୍ତା ଏବଂ ଗଣ୍ଡରୱାଲର ୧୪ କିଲୋମିଟର ସଂକୀର୍ଣ୍ଣ ବାଲତାଲ ମାର୍ଗ ଦେଇ ଔପଚାରିକ ଭାବରେ ଆରମ୍ଭ ହେବ । ଏହି ତୀର୍ଥଯାତ୍ରା ଚଳିତବର୍ଷ ଆସନ୍ତାମାସ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମାରେ ଶେଷହେବ ।

ଚଳିତବର୍ଷ ୩ ଲକ୍ଷ ୩୧ ହଜାରରୁ ଅଧିକ ତୀର୍ଥଯାତ୍ରୀ ଏହି ଯାତ୍ରା ପାଇଁ ପଞ୍ଜୀକରଣ କରିଛନ୍ତି ।

## ଇସ୍ରାଏଲ୍-ୟେମେନ୍ କନଫ୍ଲିକ୍ଟ

କେନ୍ଦ୍ରୀୟ ଇସ୍ରାଏଲ୍‌ର ବେନ୍‌ଗୁରିଅନ୍ ବିମାନ ବନ୍ଦରକୁ ଲକ୍ଷ୍ୟ କରି ଗତକାଲି ହୋଇଥିବା ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ନେଇ ୟେମେନ୍‌ର ହୁତି ଆତଙ୍କବାଦୀ ଗୋଷ୍ଠୀ ନିଜକୁ ଦାୟୀ କରିଛି । ଏକ ଟେଲିଭିଜନ ବିବୃତିରେ ହୁତି ଗୋଷ୍ଠୀର ସାମରିକ ମୁଖପାତ୍ର ୟାହୟା ସାରିଆ କହିଛନ୍ତି, ହାଇପୋରସୁନିକ୍ ବାଲିଷ୍ଟକ୍ କ୍ଷେପଣାସ୍ତ୍ର ମାଧ୍ୟମରେ ଏହି ସାମରିକ ଅଭିଯାନ କରାଯାଇଛି । ଏହି ଆକ୍ରମଣ ଦ୍ୱାରା ବିମାନ ବନ୍ଦରର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଇସ୍ରାଏଲ୍‌ର ଇନାଟ, ତେଲଅଭିବ୍ ଏବଂ ଆସ୍କେଲୋନ୍‌କୁ ଲକ୍ଷ୍ୟ କରି ଆକାଶମାର୍ଗରୁ ଆକ୍ରମଣ କରାଯାଇଛି । ଗାଜାରେ ଇସ୍ରାଏଲ୍ ଏହାର ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ନ କରିବା ପର୍ଯ୍ୟନ୍ତ ପାଲେଷ୍ଟାଇନ୍‌ବାସୀଙ୍କ ସମର୍ଥନରେ ହୁତି ଗୋଷ୍ଠୀ ପକ୍ଷରୁ ଏଭଳି ଆକ୍ରମଣ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ହୁତିର ଏହି ଆକ୍ରମଣର ପ୍ରତିଶୋଧ ନିଆଯିବ ବୋଲି ଇସ୍ରାଏଲ୍‌ର ପ୍ରତିରକ୍ଷା ମନ୍ତ୍ରୀ ୟୋଭୋ ଗାଲାଣ୍ଟ ଘୋଷଣା କରିଛନ୍ତି ।

## ମାନସରୋବର ଯାତ୍ରା

କୈଳାସ ମାନସରୋବର ଯାତ୍ରା ଶେଷକରି ପ୍ରଥମ ତୀର୍ଥଯାତ୍ରୀ ଦଳ ଗତକାଲି ଗ୍ୟାଙ୍ଗଟକ୍ ଫେରିଛନ୍ତି। ଏହି ତୀର୍ଥଯାତ୍ରୀ ଦଳ ନାଥୁଲାରେ ପହଞ୍ଚିବା ପରେ ସେମାନଙ୍କର ଆବଶ୍ୟକ ଯାଞ୍ଚ କରାଯାଇ ସେରଥାଙ୍ଗକୁ ନିଆଯାଇଥିଲା । ସେଠାରେ ଏହି ତୀର୍ଥଯାତ୍ରୀ ଦଳ ଆଇଟିବିପି କର୍ତ୍ତୃପକ୍ଷଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ । ଏହାପରେ ସେମାନଙ୍କୁ ଗ୍ୟାଙ୍ଗଟକକୁ ନିଆଯାଇଥିଲା । ସିକିମ୍ ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ଗ୍ୟାଙ୍ଗଟକଠାରେ ଯାତ୍ରୀଙ୍କ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ସେମାନଙ୍କୁ ଆନୁଷ୍ଠାନିକ ଭାବେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଆଜି ଏହି ତୀର୍ଥଯାତ୍ରୀ ଦଳ ଗ୍ୟାଙ୍ଗଟକରୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ ସେକେଣ୍ଡ୍ ଟେଷ୍ଟ୍

ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଟେଷ୍ଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜି ବର୍ମିଂହାମ୍‌ର ଏଜ୍‌ବାଷ୍ଟୋନ୍‌ଠାରେ ଖେଳାଯିବ । ଭାରତୀୟ ସମୟ ଅପରାହ୍ନ ସାଢ଼େ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

ଚୂଡ଼ାନ୍ତ ଏକାଦଶରେ ଯଶପ୍ରୀତ୍ ବୁମ୍‌ରାଙ୍କ ସାମିଲ ହେବା ନେଇ ଅଧିନାୟକ ଶୁଭମନ ଗିଲ୍ ଆଶାବାଦୀ ଅଛନ୍ତି । ତେବେ ଦଳର ବୈଠକରେ ଏ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଯଦି ବୁମ୍‌ରା ବିଶ୍ରାମ ନିଅନ୍ତି ତେବେ ତାଙ୍କ ବଦଳରେ ଆକାଶଦୀପ ଖେଳିବେ । ଦଳରେ ସାମିଲ ହେବାକୁ ଥିବା ଦୁଇ ସ୍ପିନରଙ୍କ ମଧ୍ୟରେ ୱାଶିଂଟନ୍ ସୁନ୍ଦର ଟିମ୍‌ରେ ସାମିଲ ହେବାର ସମ୍ଭାବନା ଅଧିକ

ରହିଛି । ଅନ୍ୟପକ୍ଷରେ ଇଂଲଣ୍ଡ ତା'ର ଖେଳାଳି ତାଲିକାରେ କୌଣସି ପରିବର୍ତ୍ତନ କରୁନଥିବା ଜଣାପଡ଼ିଛି ।  ଭାରତୀୟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୫ ଓ୍ୱିକେଟ୍‌ରେ ପରାସ୍ତ ହୋଇଥିଲା ।

## ଚେସ୍

ଗ୍ରାଣ୍ଡ୍ ଚେସ୍-୨୦୨୫ର ତୃତୀୟ ପର୍ଯ୍ୟାୟ ଆଜି ସନ୍ଧ୍ୟାରେ କ୍ରୋଏସିଆରେ ଆରମ୍ଭ ହେବ । ବିଶ୍ୱର ଏକନମ୍ବର ଖେଳାଳି ମାଗ୍‌ନସ୍ କାର୍ଲସେନ୍ ଏବଂ ବିଶ୍ୱ ଚମ୍ପିୟାନ୍ ଡି.ଗୁକେଶଙ୍କ ଭଳି ଅନ୍ୟାନ୍ୟ ତାରକା ଖେଳାଳି ଏହି ଖେଳରେ ସାମିଲ ହେବେ । ଚଳିତବର୍ଷ ମଇ ମାସରେ ନରୱେ ଚେସ୍‌ରେ ଦୁଇ ଖେଳାଳି ଗୁକେଶ ଓ କାର୍ଲସେନଙ୍କ ମଧ୍ୟରେ ମୁକାବିଲା ପରେ ଏହା ସେମାନଙ୍କର ପ୍ରଥମ ସାକ୍ଷାତ ହେବ । ଏହି ମ୍ୟାଚ୍ ଉପରେ ସମସ୍ତଙ୍କର ନଜର ରହିଛି ।

ଆଜିଠାରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କ୍ରୋଏସିଆ ଲିଗ୍‌ରେ ଏକକ ପର୍ଯ୍ୟାୟ ରବିନ  ର୍‍ୟାପିଡ୍ ଟୁର୍ଣ୍ଣାମେଣ୍ଟ ଏବଂ ଏହା ପରେ ଡବଲ୍ ରାଉଣ୍ଡ ରବିନ ବ୍ଲିଟ୍ ସେଗ୍‌ମେଣ୍ଟ ଖେଳାଯିବ । ଉଭୟ ଫର୍ମାଟରେ ସର୍ବାଧିକ ସ୍କୋର କରିଥିବା ଖେଳାଳିଙ୍କୁ ବିଜେତା ଘୋଷଣା କରାଯିବ ।

## ଓ୍ୱେଦର୍

ଭାରତୀୟ ପାଣିପାଗ ବିଭାଗ କହିଛି, ଆସନ୍ତା ୫ ଦିନ ପର୍ଯ୍ୟନ୍ତ ମଧ୍ୟପ୍ରଦେଶ, ବିଦର୍ଭ ଏବଂ ଛତିଶଗଡ଼ରେ ବିକ୍ଷିପ୍ତ ଭାବେ ପ୍ରବଳ ବର୍ଷା ହୋଇପାରେ । ଶନିବାର ପର୍ଯ୍ୟନ୍ତ ବିହାର, ପଶ୍ଚିମବଙ୍ଗ, ସିକିମ୍, ଝାଡ଼ଖଣ୍ଡ ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ପୂର୍ବ ରାଜସ୍ଥାନର ବିଭିନ୍ନ ଅଞ୍ଚଳରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । କୋଙ୍କଣ, ଗୋଆ, ମଧ୍ୟ-ମହାରାଷ୍ଟ୍ର, ସୌରାଷ୍ଟ୍ର, ଗୁଜରାଟ ଏବଂ କଚ୍ଛ ଅଞ୍ଚଳରେ ଆସନ୍ତା ସପ୍ତାହକ ମଧ୍ୟରେ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।